# Akashvani, Sambalpur

# SAMBALPURI NEWS BULLETIN

## 3 June 2024- 6.47- 6.52 am.

*************************************************

ଭୋଟ୍‌ଗନ୍‌ତି ଆର୍‌ଏନ୍‌ୟୁ/ସମ୍ବଲପୁର୍

ଦେଶେ ଲୋକସଭା ଆର୍ ଓଡ଼ିଶା ଆଉ ଆନ୍ଧ୍ରପ୍ରଦେଶ୍ ବିଧାନ୍‌ସଭା ଆସନ୍ ଲାଗି ହେଇଥିବା ଭୋଟ୍‌ର ଗନ୍‌ତି ଆଏବାକାଏଲ୍ ସଖାଲର ୮ ବଜ୍‌ରୁ ମୁଲ୍ ହେବା ବଲି ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ସୂଚ୍‌ନା ମିଲିଛେ । ସୂଚ୍‌ନା ଅନ୍‌ସାରେ ଖେପ୍ ଖେପ୍ କରି ଭୋଟ୍ ଗନ୍‌ତିର ଧାରା ଆର୍ ଫଲାଫଲ୍ ନିର୍ବାଚନ୍ ଆୟୋଗ୍‌ର ଓ୍ବେବ୍‌ସାଇଟ୍ results.eci.gov.in ଆର୍ ଭୋଟର୍ ହେଲ୍ପ ଲାଇନ୍ ଆପ୍‌ଥି ମିଲିପାର୍‌ବା । ଭୋଟର୍ ହେଲ୍ପଲାଇନ୍ ଆପ୍‌କେ ଗୁଗୁଲ୍ ପ୍ଲେ ଷ୍ଟୋର୍ କି ଆପଲ୍ ପ୍ଲେ ଷ୍ଟୋର୍‌ନୁ ଲୋକ୍‌ମାନେ ଡାଉନ୍‌ଲୋଡ୍ କରିପାର୍‌ବେ ।

ସେଆଡ଼େ ରାଏଜେ ଶହେ ୬୮ ଟା ଗନ୍‌ତି କେନ୍ଦ୍ର ନ ଭୋଟ୍‌ଗନ୍‌ତି କରାଯିବା । ଶହେ ୪୭ ଟା ବିଧାନ୍‌ସଭା ଆଉ ୨୧ ଟା ଲୋକ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ଅଲ୍‌ଗା ଅଲ୍‌ଗା ଭୋଟ୍‌ଗନ୍‌ନା ହେବା । ଏଛେନ୍ ୬୯ ଟା ଷ୍ଟ୍ରଙ୍ଗ୍ ରୁମ୍ ନ ଇଭିଏମ୍

ମାନ୍‌କେ ରଖାଯାଇଛେ ।  ୨୫ କମ୍ପାନୀ ସିସିଏଫ୍ ଯବାନ୍ ଇଭିଏମ୍ ଷ୍ଟ୍ରଙ୍ଗ୍‌ରୁମ୍‌କେ ଜୁଗୁଛନ୍ ।

ସେନ୍ତା ଭୋଟ୍‌ଗନ୍ତି କେନ୍ଦ୍ର ମାନ୍‌କେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଇ ଗନ୍ତି କେନ୍ଦ୍ର ଭିତ୍‌ରେ କେନ୍ଦ୍ରୀୟ ସଶସ୍ତ୍ର ସୁରକ୍ଷା ବଳ ଆଉ ଅର୍ଦ୍ଧସାମରିକ ବାହିନୀର ଯବାନ୍ ଜୁଗ୍‌ବେ । ଇତାର୍‌ଛଡ଼ା ରାଜ୍ୟ ସଶସ୍ତ୍ର ପୁଲିସ୍ ଯବାନ୍ ଭିଲ୍ ରହେବେ ।  ଭୋଟ୍‌ଗନ୍ତି କେନ୍ଦ୍ରର୍ ସୁରକ୍ଷା ଲାଗି ଆଉ ୭୦ କମ୍ପାନୀ ସିଏପିଏଫ୍ ଫୋର୍ସ ଜଗ୍‌ବେ । ଇ ଫୋର୍ସ ଆଏବା ୬ ତାରିଖ୍‌ତକ୍ ମୁତୟନ୍ ରହେବେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ ।

ଶେଷ୍ ଖେପ୍ ନିର୍ବାଚନ୍-ରାଜ୍ୟ   ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଶେଷ୍ ଖେପ୍ ଭୋଟ୍‌ଥି ପୋଷ୍ଟାଲ୍ ବାଲାଟ୍ ଭୋଟ୍‌କେ ଛାଡ଼ିଦେଲେ ମୋଟ୍ ୭୪ ଦଶ୍‌ମିକ୍ ୪୧ ପ୍ରତିଶତ୍ ମତଦାନ୍ ହେଇଥିବାର୍ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫ ସୂଚ୍‌ନା ମିଲିଛେ । ସଂସଦୀୟ କ୍ଷେତ୍ର ମାନ୍‌କର୍ ଭିତ୍‌ରେ ବାଲେଶ୍ୱର୍ ନ ସବୁନୁ ଅଏତ୍‌କା ୭୬ ଦଶ୍‌ମିକ୍ ୭/୭ ପ୍ରତିଶତ୍ ଭୋଟ୍ ପଡ଼ିଛେ । ସେନ୍ତା ମୟୁର୍‌ଭଞ୍ଜ୍ ନ ୭୫ ଦଶ୍‌ମିକ୍ ୭/୯  ପ୍ରତିଶତ୍, ଜଗତ୍‌ସିଂହପୁର୍ ନ ୭୫ ଦଶ୍‌ମିକ୍ ୪/୮, ଯାଜ୍‌ପୁର୍ ନ ୭୪ ଦଶ୍‌ମିକ୍ ୪/୭,

ଭଦ୍ରକ୍ ନ ୭୩ ଦଶ୍ମିକ୍ ୨/୩ ଆର୍ କେନ୍ଦ୍ରାପଡ଼ା ନ ୭୧ ଦଶ୍ମିକ୍ ୨/୨ ପ୍ରତିଶତ୍ ଭୋଟ୍ ହେଇଛେ ।

ଯୁକ୍ତ ୩ ନାଁଲେଖା ଆର୍‌ଏନ୍‌ୟୁ /ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ଯୁକ୍ତ ୩ ନାଁ ଲେଖା ଲାଗି ଆବେଦନ୍ ମୁଲ୍ ହେଉଛେ । ଉଚ୍ଚଶିକ୍ଷା ବିଭାଗ୍‌ର ବିଜ୍ଞପ୍ତି ଅନ୍‌ସାରେ ଛାତ୍ରଛାତ୍ରୀମାନେ ସାମ୍ସ ୱେବ୍‌ସାଇଟ୍‌ଥି ଆଏବା ୧୭ ତାରିଖ୍‌ତକ୍ ଆବେଦନ୍ କରିପାର୍‌ବେ । ୧୮ ଆଉ ୧୯ ତାରିଖ୍ ଦିନ ଫର୍ମ ସଂଶୋଧନ୍ ଲାଗି ସୁଯୋଗ୍ ଦିଆଯିବା ଆଉ ୨୫ ତାରିଖ୍ ଦିନ ପହେଲା ଖେପ୍ ତାଲିକା ବାହାର୍‌ବା । ୨୬ ନୁ ୨୯ ତାରିଖ୍‌ତକ୍ ଇ ଖେପେ ବଛାଯାଇଥିବା ଛାତ୍ରଛାତ୍ରୀ ନାଁ ଲେଖେଇପାର୍‌ବେ । ସେନ୍ତା ଆଏବା ଜୁଲାଇ ମାସ ୫ ତାରିଖ୍ ଦିନ ୨ ନମ୍ବର୍ ଖେପ୍ ନାଁଲେଖା ଲାଗି ତାଲିକା ବାହାର୍‌ବା । ୬ ନୁ ୯ ତାରିଖ୍ ଭିତ୍‌ରେ ନାଁ ଲେଖା ହେବା । ଜୁଲାଇ ୧୫ ତାରିଖ୍ ଦିନ ୩ ନମ୍ବର୍ ଖେପ୍ ନାଁ ଲେଖା ଲାଗି ତାଲିକା ବାହାର୍‌ବା ଆର୍ ୧୮ ତାରିଖ୍ ଭିତ୍‌ରେ ନାଁ ଲେଖାଯାଇପାର୍‌ବା । ଇ ବାବ୍‌ଦେ ଅଏତ୍‌କା ସୂଚ୍‌ନା ସାମ୍ସ ୱେବ୍‌ସାଇଟ୍ www.samsodisha.gov.in ଥି ରହିଛେ ।

ପୁରୀ - ଅଗ୍ନିକାଣ୍ଡ ଆର୍‌ଏନ୍‌ୟୁ/ସମ୍ବଲପୁର

ପୁରୀ ଫଟ୍‌କା ବିସ୍ଫୋରଣ୍ ଘଟ୍‌ନାର୍ ତଦନ୍ତ୍ ଲାଗି ଆଏବା ବୁଧବାର୍ ଦିନ ପୁରୀ ସ୍ୱତନ୍ତ୍ର ସର୍କିଟ୍ ହାଉସ୍ ଠାନେ ଗୁଟେ ଉଚ୍ଚସ୍ତରୀୟ ବୈଠକ୍ ହେବା । ଇ ବୈଠକ୍‌ଥି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତ୍ୟବ୍ରତ ସାହୁ -ଉପସ୍ଥିତ ଘଟ୍‌ନାର୍ ପ୍ରତ୍ୟକ୍ଷଦର୍ଶୀ ଆର୍ ସେନର୍ ଲୋକ୍‌ମାନ୍‌କର୍‌ନୁ ମତାମତ ଆର୍ ପରାମର୍ଶ ନେବେ । ଇଥିର୍‌ଲାଗି ସର୍କିଟ୍ ହାଉସ୍ ନ ରହିକରି ମତାମତ ଆର୍ ଘଟ୍‌ନା ବାବ୍‌ଦେ ସୂଚ୍‌ନା ଦେବାର୍ ଲାଗି ପୁରୀ ଜିଲ୍ଲାପାଲ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ ଆଗ୍ରହୀ ଲୋକ୍‌ମାନ୍‌କୁ ଅନୁରୋଧ୍ କରିଛନ୍ । ଇନଜନେଇ ଦିଆଯାଇପାରେ ଯେ, ଇ ଫଟ୍‌କା ଦୁର୍ଘଟଣାଥି ଗଲାକାଏଲ୍‌ତକ୍ ୧୩ ଝନ୍‌କର୍ ଜୀବନ୍ ଯାଇଥିବାର୍ ବେଲେ ୧୭ ଝନ୍ ଭିନ୍ ଭିନ୍ ଡାକ୍ତର୍‌ଖାନାଥି ଚିକିତ୍ସିତ୍ ହେଉଛନ୍ ।

ଜଲକ୍ରୀଡ଼ା ଏକାଦଶୀ ଆର୍‌ଏନ୍‌ୟୁ / ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ଭିତର ଚନ୍ଦନଯାତ୍ରା ଆଉ ଜଲକ୍ରୀଡ଼ା ଏକାଦଶୀ ଅବ୍‌ସରେ ମହାପ୍ରଭୁଙ୍କର୍ ଜଲକ୍ରୀଡ଼ା ଉତ୍ସବ୍ ଅନୁଷ୍ଠିତ୍ ହେଇଛେ । ଶ୍ରୀମନ୍ଦିର୍‌ର ଜଲକ୍ରୀଡ଼ା ମଣ୍ଡପ୍ ନ ଦେବଦେବୀ ବିଜେ ହେବାର୍ ଉତ୍‌ରୁ ଦେବନୀତି ସମ୍ପନ୍ନ ହେଇଛେ । ଉପର୍‌ବେଲା ମାହାପୁରୁଙ୍କର୍ ଆଲଟ ଲାଗି ଆଉ ଚନ୍ଦନ୍ ଲାଗି ନୀତି ଉତାରୁ ଜାତଭୋଗ ସାରିକରି ମଦନ୍‌ମୋହନ୍ ଆର୍ ଶ୍ରୀଦେବୀ

ଆଜ୍ଞାମାଳ ପାଇକରି ଜଳକ୍ରୀଡ଼ା ମଣ୍ଡପ୍‌କେ ବିଜେ ହେଇଥିଲେ । ସେଠାନେ ସୁବାଶିତ ଫୁଲ୍, କର୍ପୁର, ଚନ୍ଦନ ବାଗିର୍ ସୁଗନ୍ଧିତ୍ ଦରବ୍ ମିଶା ପାଏନ୍‌ଥି ମାହାପୁରୁମାନେ ଅଧିଷ୍ଠିତ ହେଇଥିଲେ ।

ବିଶ୍ୱ ସାଇକେଲ୍ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ସାଇକେଲ୍ ଦିବସ୍ । ଗଲା ୨୦୧୮ ମସିହା ଏପ୍ରିଲ୍ ମାସେ ମିଲିତ୍ ଜାତିସଂଘର୍ ସାଧାରଣ୍ ସଭାଥି ଜୁନ୍ ୩ ତାରିଖ୍‌କେ ବିଶ୍ୱ ସାଇକେଲ୍ ଦିବସ୍ ପାଲନ୍ କରାଯିବା ବଲି ଘୋଷ୍‌ନା କରାଯାଇଥିଲା । ଗମନାଗମନ୍ ଆଉ ପରିବେଶ୍ ସଂରକ୍ଷଣ୍ ଲାଗି ସାଇକେଲ୍ ଚାଲନାକେ ପ୍ରୋତ୍ସାହିତ୍ କର୍‌ବାର୍ ଲାଗି ଫି ବଛର୍ ଆଝିର୍ ଦିନ୍‌କେ ସାଇକେଲ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଶାରୀରିକ ଆଉ ମାନସିକ ସ୍ୱାସ୍ଥ୍ୟ ଲାଗି ସାଇକେଲ୍ ଚଲାବାର୍‌ଟା ବହୁତ୍ ହିତକର । ଇଟା ପରିବେଶ୍ ଆଉ ଅର୍ଥନୀତି ଲାଗି ଭଲ୍ ଆଏ । ସୁସ୍ଥ ଜୀବନ୍‌ଶୈଲୀ ଆଉ ସୁନ୍ଦର୍ ପରିବେଶ୍‌ର ବିକାଶ୍‌ଥି ଇଟାର୍ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ୍ ରହିଛେ ।

ଶୀତଲ୍‌ଷଷ୍ଠୀ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍‌ର ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରାଥି ପାଖାପାଖି ୧୦ ହଜାର୍ କଲାକାର୍ ଯୋଗ୍ ଦେବେ । ଇ ବଛର୍ ପହେଲାକରି

ଯାତ୍ରାଥି ଶ୍ରୀଲଙ୍କାର ଅନ୍ତର୍ଜାତୀୟ ସାଂସ୍କୃତିକ୍ ଦଲ୍ ଯୋଗ୍ ଦେବେ । ସମ୍ବଲପୁର୍ ସହରର୍ ଭିନ୍ ଭିନ୍ ପଡ଼ା ତରଫୁ ହେଉଥିବା ଇ ଯାତ୍ରାଥି ପାଖାପାଖି ୨ କୋଟି ଟଙ୍କାନୁ ଅଏତ୍କା ଖର୍ଚ୍ଚା ହେବା ବଲି ଜନାପଡ଼ିଛେ । ଆଏବା ୬ ତାରିଖ୍ ଦିନୁ ଶୀତଲ୍ଷଷ୍ଠୀ ଯାତ୍ରା ମୁଲ୍ ହେଇକରି ୧୨ ତାରିଖ୍ତକ୍ ଚାଲ୍ବା ।

ପାଣିପାଗ ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଆଏବା ୪୮ ଘଂଟାତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଆକଲନ୍ କରିଛେ । ଆଏଜ୍ ଆର୍ ଆଏବା କାଏଲ୍ ବଲାଙ୍ଗିର୍ ଆଉ ବର୍ଗଡ଼୍ ଜିଲ୍ଲା ନ ଜବର୍ ଖରା ହେବା । ସେନ୍ତା କଲାହାଣ୍ଡି, ନୂଆପଡ଼ା, ସୁବର୍ଣ୍ଣପୁର୍ ଆର୍ ସମ୍ବଲ୍ପୁର୍ ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ସେଆଡ଼େ ତାତି ସହେତେ ଉପକୂଲ ଓଡ଼ିଶାଥି ବହୁତ୍କେ ଗୁଲଗୁଲି ହେଉଛେ । ଆଏବା ୬ ତାରିଖତକ୍ ଗୁଲ୍ଗୁଲି ଲାଗି ରହେବା । ସେନ୍ତା ୮ ତାରିଖ୍ତକ୍ ଭିନ୍ ଭିନ୍ ଜିଲ୍ଲା ନ କାଲ୍ବୈଶାଖୀର୍ ପ୍ରଭାବ୍ଥି ବର୍ଷା ହେବାର୍ ସମ୍ଭାବନା ରହିଛେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।